# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**4 September – 2025**

# ଅର୍ଥମନ୍ତ୍ରୀଙ୍କ ନିଷ୍ପତ୍ତି

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ରବ୍ୟ ଓ ସେବାକର-ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଜିଏସ୍‌ଟି ବ୍ୟବସ୍ଥାରେ ପରବର୍ତ୍ତୀ ପିଢ଼ି ସଂସ୍କାର ସ୍ୱରୂପ କେତେକ ନିଷ୍ପତ୍ତି ନିଆଯାଇଛି । ବୈଠକ ପରେ ଶ୍ରୀମତୀ ସୀତାରମଣ କହିଛନ୍ତି, ପୂର୍ବରୁ ପ୍ରଚଳିତ ୪ଟି ଟିକସ ବ୍ୟବସ୍ଥା ପରିବର୍ତ୍ତେ ଦୁଇଟି ସ୍ଲାବରେ ଜିଏସ୍‌ଟିକୁ ସୀମିତ ରଖାଯାଇଛି । ବର୍ତ୍ତମାନ କେବଳ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ଜିଏସ୍‌ଟି ବ୍ୟବସ୍ଥା କରାଯାଇଛି ।

ଅତ୍ୟାବଶ୍ୟକ ସାମଗ୍ରୀଠାରୁ ମଧ୍ୟମ ଧରଣର ବିଳାସପୂର୍ଣ୍ଣ ସାମଗ୍ରୀ, କୃଷି ଯନ୍ତ୍ରପାତି, ଜୀବନରକ୍ଷାକାରୀ ଔଷଧର ମୂଲ୍ୟରେ ଟିକସ ହ୍ରାସ କରାଯାଇଛି । ଅନେକ ସାମଗ୍ରୀ ଉପରେ ଶୂନ୍ୟ ଟିକସ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି ଜିଏସ୍‌ଟିରେ ସଂସ୍କାର ଯୋଗୁଁ ଜନସାଧାରଣଙ୍କ ଜୀବନରେ ଉନ୍ନତି ଆସିବା ସହ ଦେଶର ଅର୍ଥନୀତି ସୁଦୃଢ଼ ହେବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଏହି ପଦକ୍ଷେପକୁ ଐତିହାସିକ କହିବା ସହ ନିଯୁକ୍ତି ସୃଷ୍ଟି, ଅର୍ଥନୀତିର ବିକାଶ ଆଦି କ୍ଷେତ୍ରରେ ସହାୟକ ହେବ ବୋଲି କହିଛନ୍ତି । ଏହି ନୂତନ ବ୍ୟବସ୍ଥା ଆସନ୍ତା ୨୨ ତାରିଖରୁ ଲାଗୁ ହେବ ।

# ହାଇକୋର୍ଟ-ଶୁଣାଣି

ଓଡ଼ିଶା ହାଇକୋର୍ଟ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ସମ୍ପର୍କିତ ମାମଲାର ଶୁଣାଣି କରି ଆସନ୍ତା ୬ ସପ୍ତାହ ମଧ୍ୟରେ ସାନି ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ଜାରି କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସଂରକ୍ଷଣ ଆଧାରରେ ବିଜ୍ଞପ୍ତି ପ୍ରକାଶ କରିବାକୁ ସରକାରଙ୍କୁ କୁହାଯାଇଛି । ଏଥିସହ ୨୦୧୫ରେ ପ୍ରକାଶିତ ବିଜ୍ଞପ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି ।

# ରାଜ୍ୟପାଳ-ଗୁରୁତ୍ୱାରୋପ

ରାଜ୍ୟର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ପ୍ରତିଷେଧମୂଳକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି । ରାଜଭବନରେ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରସ୍ତୁତି ଓ ମୁକାବିଲା ସମ୍ପର୍କିତ ଉପସ୍ଥାପନା ବୈଠକରେ ରାଜ୍ୟପାଳ କୌଣସି ଅଘଟଣକୁ ଏଡାଇବା ପାଇଁ ନିୟମିତ ଭାବେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ତଦାରଖ ଆବଶ୍ୟକ ବୋଲି କହିଛନ୍ତି ।

# ଓଡ଼ିଶା ନିବାସ-କାଫେ

ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସଠାରେ ଓମ୍‌ଫେଡ୍ କାଫେ ଓ କୋରାପୁଟ କଫି କାଫେକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଯୋଗଦେଇଥିଲେ ।

## ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ

ଯୁବପୀଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ରୋକିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଆସନ୍ତା ୧୦ ତାରିଖରୁ ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏନେଇ ଭୁବନେଶ୍ୱର ଲୋକସେବା ଭବନରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି...

**V/O...**

# ଦୁର୍ଗାପୂଜା-ମାର୍ଗଦର୍ଶିକା

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସନ୍ତା ଦୁର୍ଗାପୂଜା ପାଇଁ ଏକ ମାର୍ଗଦର୍ଶିକା ଜାରି କରାଯାଇଛି । ମାର୍ଗଦର୍ଶିକା ଅନୁସାରେ ଦୁର୍ଗାପୂଜା ସମୟରେ କିମ୍ବା ଭସାଣ ଶୋଭାଯାତ୍ରାରେ ଡିଜେ ଉପରେ କଟକଣା କରାଯାଇଛି । ପୂଜାମଣ୍ଡପ, ତୋରଣର ଆକାର ଏବଂ ଟ୍ରାଫିକ ନିୟମ ସମ୍ପର୍କରେ ହାଇକୋର୍ଟଙ୍କ ନର୍ଦ୍ଦେଶକୁ ସମସ୍ତ ପୂଜାକମିଟି ପାଳନ କରିବା ବାଧ୍ୟତାମୂଳକ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ବାମନ ଜନ୍ମ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ। ଏଥିପାଇଁ ମଧ୍ୟାହ୍ନ ଧୂପ ଛେକ ଆସିବା ପରେ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସାଗର କବଚ ସମରାଭ୍ୟାସ

ଗଞ୍ଜାମ ଜିଲ୍ଲା ପୁଲିସ ପକ୍ଷରୁ ସମୁଦ୍ରତଟ ସୁରକ୍ଷାକୁ ଦୃଷ୍ଟିରେ ରଖି ଦୁଇଦିନିଆ ସାଗର କବଚ ସମରାଭ୍ୟାସ ଗତକାଲିଠାରୁ ଆରମ୍ଭ ହୋଇଛି । ସମୁଦ୍ର ନିକଟ ଆର୍ଯ୍ୟପଲ୍ଲୀ ଥାନା ଅନ୍ତର୍ଗତ ଗଞ୍ଜାମ, ଛତ୍ରପୁର, ରମ୍ଭା, ଚମାଖଣ୍ଡି ପୁଲିସ ପକ୍ଷରୁ ଏହି ସମରାଭ୍ୟାସ କରାଯାଉଛି ।

## ୟୁଜିସି ମାନ୍ୟତା

କୋରାପୁଟ ଜିଲ୍ଲାସ୍ଥିତ ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ମିଳିଛି । ଏନେଇ ବିଶ୍ୱ ବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ଦେବୀପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି ।

## ସମୀକ୍ଷା ବୈଠକ

ଝାରସୁଗୁଡା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରଜନନ, ମାତୃ ଓ ଶିଶୁମୃତ୍ୟୁ ଏବଂ ସମ୍ବନ୍ଧୀୟ ସେବା, ଟୀକାକରଣ, ମେଲେରିଆ, ଡେଙ୍ଗୁ ତଥା ଅଣସଂକ୍ରମିତ ରୋଗ ରୋକିବା ଦିଗରେ ଆଲୋଚନା ହୋଇଥିଲା ।

## ପାଣିପାଗ

ଉତ୍ତର ଓଡ଼ିଶାରେ ସକ୍ରିୟ ଲଘୁଚାପ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ ଆଡକୁ ଅଗ୍ରସର ହେଉଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ବଲାଙ୍ଗୀର ଓ ପାଟନାଗଡଠାରେ ସର୍ବାଧିକ

୧୨୯ ମିଲିମିଟରର ବର୍ଷା ରେକର୍ଡ ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ଭଦ୍ରକ ଜିଲ୍ଲା ଆଖୁଆପଦାଠାରେ ବୈତରଣୀ ନଦୀ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି ।

## ବନ୍ୟପ୍ରାଣୀ ଦିବସ

ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ ବନ୍ୟପ୍ରାଣୀ ଦିବସ ପାଳନ କରାଯାଉଛି । ଏହି ଦିବସ ଅବସରରେ ଜଙ୍ଗଲ କ୍ଷୟ, ଅବୈଧ ଶିକାରରୁ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସେମାନଙ୍କ ବାସସ୍ଥାନର ସଂରକ୍ଷଣ ସମ୍ପର୍କରେ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।